## ବ୍ୟାପକ ଗଞ୍ଜେଇ ଗଛ ନଷ୍ଟ

ଆର.ଉଦୟଗିରି, (ଡି.ଏନ.ଏ.)-ଅଡବା ଥାନା ମୋହନା ବ୍ଲକର ମାଣ୍ଡିମରା ପଞ୍ଚାୟତର ଗୋବାଲ ମୌଜା ଅଞ୍ଚଳ ଜଙ୍ଗଲରୁ ଅବକାରୀ, ପୋଲିସ, ବନବିଭାଗ ଏବଂ ରାଜସ୍ୱ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ଗଞ୍ଜେଇ ଗଛ ନଷ୍ଟ କରାଯାଇଛି। ସଂରକ୍ଷିତ ଜଙ୍ଗଲ ଉପରେ ବେଆଇନ ଭାବେ ୭୭. ୦୬ ଏକର ଜମିରେ ଲଗାଯାଇଥିବା ଗଞ୍ଜେଇ ଗଛକୁ ଅବକାରୀ ଇନ୍ସପେକ୍ଟର, ଆର.ଉଦୟଗିରି ଏସଡିପିଓ ଦିଲ୍ଲୀପ କୁମାର ନାୟକ, ଥାନା ଅଧିକାରୀ, ସ୍ଥାନୀୟ ବନ ବିଭାଗ, ରାଜସ୍ୱ ବିଭାଗ ଅବକାରୀ ଓ ପୋଲିସ ବିଭାଗ କର୍ମଚାରୀ ମିଳିତ ଭାବେ ନଷ୍ଟ କରିଥିଲେ ବୋଲି ଥାନାଧିକାରୀ ଆନନ୍ଦ ଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ମୋହନା ତହସିଲଦାର କିଶ୍ୱର ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ଏନେଇ ନଂ.୨୬/୨୨ ରୁଜୁ ହୋଇଛି।

**ସଂକ୍ଷେପରେ**

### କାଠ ମିଲ୍‌ରେ ଚଢ଼ାଉ



ଗଞ୍ଜାମ,୩।୨(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ ଲାଉପୁଟ ଗ୍ରାମସ୍ଥିତ ଏକ କାଠ ମିଲ ଉପରେ ଗୁରବାର ବନ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଗ୍ରମର କେତେକ ଲୋକ ବନ କର୍ମଚାରୀଙ୍କୁ ଅଟକ ରଖିଥିଲେ। ଏ ନେଇ ଗ୍ରାମରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଗଞ୍ଜାମ ତହସିଲଦାର ଅରୁଣ କୁମାର ନାୟକ, ରମ୍ଭା ଥାନାଧିକାରୀ ରଶ୍ମି ରଞ୍ଜନ ବେହେରା, ବ୍ରହ୍ମପୁର ଡିଭିଜନର ଏସସିଏଫ ଅଶୋକ ବେହେରା, ଏ.ମାଧବୀ ଲତା, ଖଲ୍ଲିକୋଟ ରେଞ୍ଜର ସିଦ୍ଧାର୍ଥ ଶଙ୍କର ସାହୁ, ରମ୍ଭା ଫରେଷ୍ଟର ଅବିନାଶ ଚୌଧୁରୀ ପହଞ୍ଚି ଅଟକ କର୍ମଚାରୀଙ୍କୁ ଉଦ୍ଧାର କରିବା ସହ କାଠ ଜବତ କରିଛନ୍ତି।

### ନଦୀରେ ବୁଡ଼ି ଜଣେ ମୃତ

କ.ନୂଆଗାଁ,୩।୨(ଡି.ଏନ୍.ଏ.): କ.ନୂଆଗାଁ ବ୍ଲକର ମହାସିଙ୍ଗ ଖଡ଼ଗ ନଦୀରେ ବୁଡ଼ି ଗୁରୁବାର ମହାସିଙ୍ଗ ଗ୍ରାମର ସୁବାସ ଗାଉଁଟିଆଙ୍କ ମୃତ୍ୟୁ ଘଟିଛି। ସୁବାସ ଖଡଗ ନଦୀକୁ ଗାଧୋଇବା ପାଇଁ ଯାଇଥିଲେ। ସେଠାରେ ଅସାବଧାନତା କାରଣରୁ ଗୋଡ ଖସି ନଦୀରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଦେଖି ବାଲିଗୁଡା ପୋଲିସ ଓ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଉଭୟ ପହଞ୍ଚି ସୁଭାସଙ୍କ ମୃତଦେହ ବାହାର କରି ବ୍ୟବଚ୍ଛେଦ ପାଇଁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଛି।

### ଫୁଟବଲ ଟୁର୍ନାମେଣ୍ଟ, ଯାଦବ ଏଫସି ଚାମ୍ପିୟନ

ଫୁଲବାଣୀ ଅଫିସ, ୩।୨:ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡ ପଞ୍ଚାୟତ ଡହଙ୍ଗିଆ ଲୋହାପେନୁ ଖେଳ ପଡିଆରେ ଚାଲିଥିବା ଡିଏନ୍ଏସ୍ ମହାବୀର ଆଞ୍ଚଳିକ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଏଫ୍‌ସି ବନାଙ୍ଗିଆ ଦଳକୁ ୩-୦ ଗୋଲରେ ଯାଦବ ଏଫସି ଶୁଣ୍ଡିଗାଁ ହରାଇ ଚାମ୍ପିୟନ ହୋଇଛି । ଫୁଲବାଣୀ ପୂର୍ବତନ ବିଧାୟକ ଦେବେନ୍ଦ୍ର କହଁର ମୁଖ୍ୟଅତିଥି, ପୂର୍ବତନ ବିଧାୟକ ଦୁଗୁନି କହଁର, ପ୍ରଶାନ୍ତ କୁମାର, ବିଶ୍ୱମ୍ଭର କହଁର ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଏବଂ ରନର୍ସଅପ ଦଳକୁ ପୁରସ୍କୃତ କରିଥିଲେ ।

### ଏକାଡେମି କପ୍ ଟୁର୍ନାମେଣ୍ଟ ଫାଇନାଲରେ ଆଲ୍‌ଫା ସ୍ପୋର୍ଟିଂ କ୍ଲବ

ବ୍ରହ୍ମପୁର ଅଫିସ,୩।୨-ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ ଖେଳପଡ଼ିଆରେ ଚାଲିଥିବା ଏକାଡେମି କପ୍ କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଲିଡ୍ସ ସ୍ପୋର୍ଟିଂ କ୍ଲବ ଓ ଆଲଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଲଫା ସ୍ପୋର୍ଟିଂ କ୍ଲବ ୬ ଉଇକେଟରେ ବିଜୟ ଲାଭ କରି ଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ମ୍ୟାଚରେ ଟସ୍ ଜିତ ଲିଡ୍ସ ସ୍ପୋର୍ଟିଂ କ୍ଲବ ପ୍ରଥମ ବ୍ୟାଟିଂ କରି ୬ ଉଇକେଟ ହରାଇ ୨୦ ଓଭରରେ ୧୪୪ ରନ ସଂଗ୍ରହ କରିଥିଲା। ଜବାବରେ ଆଲଫା ସ୍ପୋର୍ଟିଂ କ୍ଲବ ୧୯.୪ ଓଭରରୁ ୪ ଉଇକେଟ ବିନିମୟରେ ୧୪୬ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆଲ୍‌ଫା ସ୍ପୋର୍ଟିଂ କ୍ଲବର ଦେବାଶିଷ ମହାନ୍ତି ୨୫ ବଲରୁ ୩୯ ରନ ଏବଂ ୪ ଓଭରରେ ୨ଉଇକେଟ ସଂଗ୍ରହ କରି ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଛନ୍ତି। ଜିଲା କ୍ରୀଡ଼ା ସଂଘ ସମ୍ପାଦକ ତଥା ଜିଲା କ୍ରିକେଟ ଆସୋସିଏଶନ ସମ୍ପାଦକ ଅଶୋକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କୃତ କରିଛନ୍ତି। ଶୁକ୍ରବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଆଲଫା ସ୍ପୋର୍ଟିଂ କ୍ଲବ ଓ ଲିଡ୍ସ କ୍ରିକେଟ ଏକାଡେମି ମଧ୍ୟରେ ଅନୁଷ୍ଠିତ ହେବ।

### ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ଯାଞ୍ଚ କଲେ ପର୍ଯ୍ୟବେକ୍ଷକ

ଦିଗପହଣ୍ଡି,୩।୨(ଡି.ଏନ.ଏ.):ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚର ଯାଞ୍ଚ କରିବା ପାଇଁ ଗୁରୁବାର ପର୍ଯ୍ୟବେକ୍ଷକ ଦୀପକ ରଞ୍ଜନ ବେହେରା ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବ୍ଲକ ସମ୍ମିଳନୀ କକ୍ଷରେ ନିର୍ବାଚନ ଅଧିକାରୀ ହଳଧର ଶବରଙ୍କ ଉପସ୍ଥିତିରେ ପର୍ଯ୍ୟବେକ୍ଷକ ବେହେରା ପ୍ରାର୍ଥୀମାନଙ୍କୁ ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ଆଚରଣ ବିଧିକୁ କଡାକଡି ପାଳନ କରିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ପ୍ରାର୍ଥୀ ସେମାନଙ୍କ ଦ୍ୱାରା କରାଯାଉଥିବା ଖର୍ଚ୍ଚର ଠିକ ବିବରଣୀ ଉଲ୍ଲେଖ କରି ବ୍ଲକ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିବାକୁ କହିବା ସହ ଏହାକୁ ଉଲ୍ଲଂଘନ କଲେ ଆଇନାନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସତର୍କ ମଧ କରାଇ ଦେଇଥିଲେ। ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ପଟ୍ଟନାୟକ, ଜିପିଓ ଉମେଶ ସେଠୀଙ୍କ ସମେତ ବିଭିନ୍ନ ପଞ୍ଚାୟତରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବହୁ ସଂଖ୍ୟକ ପ୍ରାର୍ଥୀ ଉପସ୍ଥିତ ଥିଲେ।

# ବଜେଟରେ ନାହିଁ ଗୋପାଳପୁର-ରାୟଗଡ଼ା ରେଳପଥ

- ସମ୍ବଲପୁର-ଗୋପାଳପୁର ରେଳପଥ ପାଇଁ ବଜେଟରେ ମାତ୍ର ହଜାରେ ଟଙ୍କା
- ବ୍ରହ୍ମପୁର ଏମ୍‌ପିଙ୍କ ଅଭିଯୋଗ

ବ୍ରହ୍ମପୁର ଅଫିସ,୩।୨

ଗଞ୍ଜାମ ଜିଲାର ବେଳାଭୂମି ସହର ଗୋପାଳପୁରରୁ ଶିଳ୍ପ ସହର ରାୟଗଡ଼ା ପର୍ଯ୍ୟନ୍ତ ନୂଆ ରେଳପଥ ପାଇଁ ହୋଇଥିବା ସର୍ଭେର ୧୩ ବର୍ଷ ବିତିବାକୁ ଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ ଲୋକ ସଭାରେ ଉପସ୍ଥାପିତ ରେଳ ବଜେଟରେ ମଧ ଏହାକୁ ମଞ୍ଜୁରୀ ମିଳି ନ ଥିବାରୁ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦକ୍ଷିଣ ଓଡ଼ିଶା ପ୍ରତି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ଏନ୍‌ଡିଏ ସରକାରଙ୍କ ବୈମାତୃକଭାବ ପଦାରେ ପଡ଼ିଛି। ଏହି ମତ ରଖିଛନ୍ତି ବ୍ରହ୍ମପୁର ବିଜେଡି ଏମ୍‌ପି ଚନ୍ଦ୍ରଶେଖର ସାହୁ। ଅନ୍ୟପକ୍ଷରେ ଦୀର୍ଘ ବର୍ଷର ଜନଦାବି ଗୋପାଳପୁର-ସମ୍ବଲପୁର ଭାୟା ଭଞ୍ଜନଗର ଓ ଫୁଲବାଣୀ ରେଳପଥ ଲାଗି ବଜେଟରେ ଘୋଷଣା କରାଯାଇଥିଲେ ମଧ ଏଥିନିମନ୍ତେ ମାତ୍ର ହଜାରେ ଟଙ୍କା ଟୋକନ ମନି ବ୍ୟବସ୍ଥା ଥିବାରୁ ଅନିଶ୍ଚିତ ଘେରକୁ ଆସିଥିବା ଚନ୍ଦ୍ରଶେଖର ସମାଲୋଚନା କରିଛନ୍ତି।

ସୂଚନାଯୋଗ୍ୟ, ୨୦୦୪ ଲୋକ ସଭା ନିର୍ବାଚନରେ ସାହୁ ବ୍ରହ୍ମପୁର କ୍ଷେତ୍ରରୁ କଂଗ୍ରେସରୁ ନିର୍ବାଚିତ ହୋଇଥିଲେ। ବର୍ଷକ ପରେ ସେ ମନମୋହନ ସିଂଙ୍କ ପ୍ରଥମ ଉପା ସରକାରରେ ରାଷ୍ଟ୍ରମନ୍ତ୍ରୀ ପଦ ପାଇ ଗୁରୁତ୍ୱପୂର୍ଣ୍ଣ ଶ୍ରମ ଓ ପରବର୍ତ୍ତୀ ସମୟରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଦାୟିତ୍ୱ ସମ୍ଭାଳିଥିଲେ। ତତ୍କାଳୀନ ରେଳମନ୍ତ୍ରୀଙ୍କୁ ପ୍ରଭାବିତ କରାଇ ଗୋପାଳପୁରରୁ ରାୟଗଡ଼ା ରେଳ ଲାଇନ ନିର୍ମାଣ ପାଇଁ ପ୍ରୟାସ କରି ସଫଳ ହୋଇଥିଲେ। ୨୦୦୯ ଫେବୃୟାରୀ ୨୮ରେ ଏହାର ସର୍ଭେ ନିମନ୍ତେ ଗୋପାଳପୁର ବେଳାଭୂମି ପାର୍ଶ୍ୱରେ ସେ ଶୁଭ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତଟ ରେଳ ଡିଭିଜନର ମୁଖ୍ୟ ପ୍ରଶାସନିକ ଅଧିକାରୀ ଏସ୍.କେ. ବାହାନାନୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମୁମ୍ବାଇର ଏକ ନାମୀଦାମୀ ଉଦ୍ୟୋଗ ସର୍ଭେ ଦାୟିତ୍ୱ ନେଇଥିଲା। ନିର୍ଦ୍ଧାରିତ ସମୟରେ ସେହି ଉଦ୍ୟୋଗ ସର୍ଭେ ସମ୍ପୂର୍ଣ୍ଣ କରି ରେଳବାଇକୁ ରିପୋର୍ଟ ଦାଖଲ କରିଥିଲା। ଏ ବାବଦରେ ସାଢ଼େ ୪ କୋଟିରୁ ଅଧିକ ଟଙ୍କା ରେଲୱେ ମନ୍ତ୍ରଣାଳୟ ପକ୍ଷରୁ ବ୍ୟୟ ହୋଇଥିଲା।

୨୦୦୯ ନିର୍ବାଚନରେ ସାହୁ ପରାସ୍ତ ହେବାରୁ ଯୋଜନା ଧିମେଇଗଲା। ଆବଶ୍ୟକ ଜମି ରାଜ୍ୟ ସରକାର ଯୋଗାଇବାରେ ବିଫଳ ହୋଇଥିବା ସମାଲୋଚନା କରାଯାଇଥିଲା। ପ୍ରସ୍ତାବିତ ରେଳପଥ ଦ୍ୱାରା ଦକ୍ଷିଣ ଓଡ଼ିଶାର ଅନେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀ ଉପକୃତ ହେବାର ଲକ୍ଷ୍ୟ ଥିଲା। ଅପରପକ୍ଷରେ ଦାମନଯୋଡ଼ିସ୍ଥ 'ନାଲ୍‌କୋ' ଉତ୍ପାଦିତ ସାମଗ୍ରୀ ଗୋପାଳପୁର ବନ୍ଦରକୁ ଅଣାଯିବାର ନକ୍ସା ପ୍ରସ୍ତୁତ ହୋଇଥିଲା। ଫଳରେ ବନ୍ଦର ରାଜସ୍ୱ ଆଦାୟରେ ଅଭିବୃଦ୍ଧି ଘଟିଥାନ୍ତା ଏବଂ ମାଳ ଅଞ୍ଚଳର ଜଙ୍ଗଲଜାତ ପଦାର୍ଥ ରପ୍ତାନୀ କରିବାରେ ସହାୟତା ସାଙ୍ଗକୁ ଯାତ୍ରୀ ପରିବହନର ବାଟ ଫିଟିଥାନ୍ତା। ଫଳରେ ଦକ୍ଷିଣାଞ୍ଚଳର ସାମଗ୍ରିକ ବିକାଶ ହୋଇପାରିଥାନ୍ତା।

ଅପରପକ୍ଷରେ ସର୍ଭେ ଶେଷର ୩ ବର୍ଷ ପରେ ୨୦୧୨ରେ ଏହି ୨୫୮ କି.ମି. ରେଳ ଲାଇନ ନିର୍ମାଣ ପାଇଁ ତତ୍କାଳୀନ କେନ୍ଦ୍ର ଯୋଜନା କମିଶନ ଅନୁମୋଦନ କରିବା ସହ ବ୍ୟୟ ଅଟକଳ ୧୩୯୨ କୋଟି ଟଙ୍କା ମଞ୍ଜୁର କରିଥିବା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସାହୁ ପ୍ରେସ୍ ବିବୃତିରେ ସୂଚାଇଥିଲେ। ଏହାସତ୍ତ୍ୱେ ଦ୍ୱିତୀୟ ଉପା ସରକାର କୌଣସି ପଦକ୍ଷେପ ନେଇନଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଥମ ସରକାରରେ ଏହି ଯୋଜନାକୁ ଚାପି ଦିଆଗଲା। ଏନ୍‌ଡିଏ ସରକାରଙ୍କ ୮ଟି ବଜେଟରେ ନାଁଗନ୍ଧ ନ ଥିଲା। ଏବେ ପଞ୍ଚାୟତ ଓ ପରବର୍ତ୍ତୀ ପୌର ନିର୍ବାଚନ ହେବାକୁ ଥିବା ବେଳେ ରାୟଗଡ଼ାରୁ ଗୋପାଳପୁର ରେଳପଥକୁ ବାଦ୍ ଦେଇ ଗୋପାଳପୁର-ସମ୍ବଲପୁର ପାଇଁ କୁହାଯାଇଛି। ଏହା ମଧ ରାଜନୀତି ଧୂଆଁବାଣ ହୋଇଥିବା ଚନ୍ଦ୍ରଶେଖର କଟାକ୍ଷ କରିଛନ୍ତି।

### ବଳାତ୍କାରୀ କୋର୍ଟ ଚାଲାଣ

ବ୍ରହ୍ମପୁର ଅଫିସ,୩।୨

ଜନୈକା ନାବାଳିକାଙ୍କୁ ବଳାତ୍କାର ପରେ ପ୍ରତାରଣା ଅଭିଯୋଗରେ ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ପୁରୁଷୋତ୍ତମପୁରର ସୀମାଞ୍ଚଳ ବେହେରା। ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କର ଏମ୍‌କେସିଜି ମେଡିକାଲରେ ଡାକ୍ତରୀ ମାଇନା ସହ ପୀଡ଼ିତାଙ୍କ ବୟାନ ମଧ ରେକର୍ଡ କରାଯାଇଛି। ମାମଲା ନଂ.୩୪/୨୨ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିବା ଜନୈକା ନାବାଳିକାଙ୍କ ସହ ଅଭିଯୁକ୍ତ ସୀମାଞ୍ଚଳ ପ୍ରେମ ସମ୍ପର୍କ ରଖିଥିଲେ। ବିବାହ ପ୍ରତିଶ୍ରୁତି ଦେଇ ସୀମାଞ୍ଚଳ ସମ୍ପୃକ୍ତ ନାବାଳିକାଙ୍କୁ ରାମନଗରରେ ଏକ ଭଡା ଘରେ ରଖି ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। କୌଣସି କାରଣକୁ ନେଇ ସୀମାଞ୍ଚଳ ସେଠାରେ ନାବାଳିକାଙ୍କୁ ଛାଡିକେଉଁଆଡେ ଚାଲିଯାଇଥିଲେ। ନାବାଳିକା ସହ ବିବାହ କରିବାକୁ ମନା କରିବା ସହ ସମ୍ପର୍କ କାଟିବାକୁ ସୀମାଞ୍ଚଳ ଚେଷ୍ଟା ଜାରି ରଖିଥିଲେ। ଶେଷରେ ପୀଡ଼ିତା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ବୁଧବାର ଅଭିଯୁକ୍ତ ସୀମାଞ୍ଚଳଙ୍କୁ ଗିରଫ କରିଥିଲା।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ଅଭିଯୁକ୍ତ କିରାଣିଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୩।୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ବ୍ରହ୍ମପୁର ଡିଭିଜନ-୧ ପୂର୍ତ୍ତ ବିଭାଗ କିରାଣି ଏଲ.କାମରାଜୁ ଦାସଙ୍କୁ ଗୁରୁବାର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ହାଇକୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ସର୍ତ୍ତମୂଳକ ଜାମିନ ଦେଇଛନ୍ତି।

ପ୍ରକାଶ ଯେ, ପୂର୍ତ୍ତବିଭାଗ କିରାଣି କାମରାଜୁଙ୍କ ବିରୋଧରେ ହୋଇଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଗିରଫ କରିଥିଲେ। ଗିରଫ ପରଠାରୁ ସେ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ଶେଷରେ ସେ ଉଚ୍ଚ ନ୍ୟାୟାଳୟରେ ଜାମିନ ପାଇଁ ଆବେଦନ କରିଥିଲେ। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରସାଦ ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ୩୦ ହଜାର ଚାରା ନଷ୍ଟ କଲେ ହାତୀ

ଟିକିଟି,୩।୨(ଡି.ଏନ.ଏ.)



ହାତୀପଲ ନଷ୍ଟ କରିଥିବା ଚାରା ।

ଟିକିଟି ବ୍ଲକ୍ ଅନ୍ତର୍ଗତ ଟିକିଟି ସମେତ ବିଭିନ୍ନ ଗ୍ରାମାଞ୍ଚଳରେ ହାତୀପଲ ଉପଦ୍ରବ ବଢ଼ିଲାଣି। ହାତୀ ଧାନ ଫସଲ ଠାରୁ ଛତୁବାଡ, ନଡିଆ ଗଛ ସମେତ ବିଭିନ୍ନ ଫସଲ ନଷ୍ଟ କରୁଛନ୍ତି । ହାତୀ ଘଉଡାଇବା ପାଇଁ କୌଣସି ପଦକ୍ଷେପ ନିଆଯାଉନଥିବା ଅଭିଯୋଗ ହେଉଛି । ବୁଧବାର ରାତ୍ରିରେ ବାଲିଘାଇ ନିକଟସ୍ଥ ବାଲିପଦର ତୋଟାରେ ରହିଥିବା ୧୨ ଟିକିଆ ହାତୀପଲ କେ.ନୂଆଗାଁ ଗ୍ରାମ ନିକଟସ୍ଥ ସେଣ୍ଟ୍ରାଲ୍ ନର୍ସରୀରେ ପଶିଥିଲେ । ସେଥିରୁ ପ୍ରାୟ ୩୦ ହଜାର ମୂଲ୍ୟବାନ ଚାରା, ପମ୍ପ ହାଉସ୍ ନଷ୍ଟ କରିଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ବନବିଭାଗ ହାତୀପଲର ଗତିବିଧି ଉପରେ ନଜର ରଖିଛି। ଗତବର୍ଷ ୨୬ ମଧ୍ୟରାତ୍ରିରେ ବନବିଭାଗ ପକ୍ଷରୁ ଏକ ଟିମ୍ ଗଠନ କରି ଟ୍ରାକିଂ କରାଯାଉଥିବା ବେଳେ ଏକ ଦନ୍ତା ହାତୀ ଆକ୍ରମଣରେ ଚାନ୍ଦପୁର ଗ୍ରାମର ବୃନ୍ଦାବନ ବିଦ୍ଧାଣି ମୃତ୍ୟୁ ଘଟିଥିଲା। ୭ ମାସ ବିତିଯାଇଥିଲେ ସୁଦ୍ଧା ସରକାରୀ ସହାୟତା ମିଳିନାହିଁ ସେହିଭଳି ଗତ ଦୁଇଦିନ ତଳେ ଉକ୍ତ ହାତୀପଲ କଳବାଡ ପଞ୍ଚାୟତର ଭୋଳାସିଙ୍ଗି ଗ୍ରାମର ଚାଷୀମାନେ ଖଳାରେ ଅମଳ କରିଥିବା ଧାନ ନଷ୍ଟ କରିଦେଇଥିଲେ। ୨ ସପ୍ତାହ ତଳେ ଗୋବର୍ଦ୍ଧନ ସାହୁ, ଏମ୍ ଦାଲେୟାଙ୍କ ୧୦ ଏକର ଜମିର ଧାନ କଳେଇ ଏବଂ ରାଧାମୋହନପୁର, କିଶୋରଚନ୍ଦ୍ରପୁର ଗ୍ରାମରେ ଧାନଫସଲ, ପନିପରିବା ନଷ୍ଟ କରିଦେଇଥିଲେ । ଏଣୁ କ୍ଷତିଗ୍ରସ୍ତ ପରିବାରଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇଦେବାକୁ ସାଧାରଣରେ ଦାବି ହେଉଛି।

## ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ

ଫୁଲବାଣୀ ଅଫିସ, ୩।୨

ଫିରିଙ୍ଗିଆ ବ୍ଲକ ଭୃଙ୍ଗିଯୋଡି ପଞ୍ଚାୟତର ଡାମ୍ପାଦେଇ ଠାରୁ ସରୁଲେଇ ଗାଁକୁ ଯାଇଥିବା ଘାଟି ରାସ୍ତା ମରଣଯନ୍ତା ପାଲଟିଛି । ଅଧିକାଂଶ ଦିନ ଏହି ରାସ୍ତାରେ ଛୋଟବଡ ଦୁର୍ଘଟଣା ଘଟୁଛି । ପଞ୍ଚାୟତ କାର୍ଯ୍ୟାଳୟଠାରୁ ମାତ୍ର ୩ କି.ମି. ଦୂରରେ ଏହି ରାସ୍ତା ଥିଲେ ମଧ କାମ ହେଉନାହିଁ। ତେଣୁ କାମ ନ ହେଲେ ଭୋଟ ଦେବେନି ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏହି ରାସ୍ତା ଉପରେ ସରୁଲେଇ, ଚିଙ୍ଗୁଡିଖୋଲ, ଗୁମି, ବସେରାମୁଣ୍ଡା ଆଦି ୧୦ରୁ ୧୨ଟି ରାଜସ୍ୱ ଗାଁର ୫୦୦ରୁ ଅଧିକ ଲୋକ ନିର୍ଭର କରୁଛନ୍ତି। ଅଞ୍ଚଳରେ ପ୍ରାୟ ୩୦୦ ଭୋଟର ଅଛନ୍ତି। ଭଲ ରାସ୍ତା ନ ଥିବାରୁ ଅଞ୍ଚଳର ଅନେକ ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷା ପରେ ପାଠ ଛାଡିବାକୁ ବାଧ ହେଉଥିବା ଗ୍ରାମବାସୀ କହିଛନ୍ତି। ନିର୍ବାଚନ ଆସିଲେ ବିଭିନ୍ନ ଦଳର ନେତା ମନ୍ତ୍ରୀ ଓ ପଞ୍ଚାୟତସ୍ତରୀୟ ନେତାମାନେ ଏହି ରାସ୍ତା ଦେଇ ଗାଁକୁ ଯାଇ ଭୋଟ ମାଗୁଛନ୍ତି। ପ୍ରତ୍ୟେକ ଥର ପ୍ରତିଶ୍ରୁତି ମିଳୁଛି । ହେଲେ ପରେ କିଛି ସୁଫଳ ମିଳୁନି। ତେଣୁ ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ସ୍ମାର୍ଟ ସ୍କୁଲ କାର୍ଯ୍ୟ ଦେଖିଲେ ଜିଲାପାଳ



ସ୍ମାର୍ଟ ସ୍କୁଲ ପରିଦର୍ଶନ କରୁଛନ୍ତି ଜିଲାପାଳ।

ବଲସକୁମ୍ପା,୩।୨

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ବଲସକୁମ୍ପା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ମାର୍ଟ ସ୍କୁଲ ଘୋଷଣା ହେବା ପରେ ଜୋର୍‌ସୋର ଭାବେ ସ୍କୁଲ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ବଲସକୁମ୍ପା ସ୍ମାର୍ଟ ସ୍କୁଲ ନିର୍ମାଣ କାର୍ଯ୍ୟକୁ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି ବୁଲି ଦେଖିଛନ୍ତି। କାର୍ଯ୍ୟ କିପରି ଭାବେ କରାଯାଉଛି, କାର୍ଯ୍ୟରମାନ ଠିକ୍ ରହୁଛି କି ନାହିଁ, ତାହା ପରିଦର୍ଶନ କରି ସ୍କୁଲ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାପାଳଙ୍କ ପରିଦର୍ଶନ ବେଳେ ବିଡିଓ ରବୀନ୍ଦ୍ରନାଥ କହଁର, କନିଷ୍ଠ ଯନ୍ତ୍ରୀ ରବିନାରାୟଣ ଲେଙ୍କା, ସ୍କୁଲ ସଭାପତି ପ୍ରଫୁଲ୍ଲ ବେହେରା, କୃଷ୍ଣ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରାଣୀଧନ ଚିକିତ୍ସା ଶିବିର

ଭଞ୍ଜନଗର,୩।୨ (ଡି.ଏନ୍.ଏ)

ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜର ଯୋଗୀମାରିରେ ଗୁରବାର ବନ ବିଭାଗ ପକ୍ଷରୁ ପ୍ରାଣୀଧନ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ଚିକିତ୍ସା ଅଧିକାରୀ ସୂର୍ଯ୍ୟ ନାରାୟଣ ପ୍ରଧାନ, କନ୍ଧ ପ୍ରଧାନ ଏହି ଶିବିରରେ ଯୋଗଦେଇ ଗ୍ରାମର ବିଭିନ୍ନ ପରିବାରର ପାଳିତ ୧୦୦ରୁ ଉର୍ଦ୍ଧ୍ୱ ଗୋରୁମାନଙ୍କୁ ଟିକାକରଣ କରିଥିଲେ। ଗୃହ ପାଳିତ ପ୍ରାଣୀମାନଙ୍କୁ ଟିକା ପ୍ରଦାନ ଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗରୁ ସେମାନେ କିଭଳି ରକ୍ଷା ପାଇ ପାରିବେ ସେ ନେଇ ଗ୍ରାମବାସୀଙ୍କୁ ସଚେତନତା କରାଯାଇଥିଲା। ବନ ବିଭାଗ କର୍ମଚାରୀ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।

## ରାତି ୧୦ ଯାଏ ଖୋଲିବ ଦୋକାନ ବଜାର

**ବିଏମ୍‌ସିର ନୂଆ ଗାଇଡ୍ ଲାଇନ୍**

ବ୍ରହ୍ମପୁର ଅଫିସ,୩।୨

ବ୍ରହ୍ମପୁର ମହାନଗରରେ ରାତ୍ରି ୧୦ଟାରୁ ସକାଳ ୫ଟା ଯାଏ ନାଇଟ କର୍ଫ୍ୟୁ ବଳବତ୍ତର ରହିବ ବୋଲି ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଗୁରୁବାର ନୂଆ ଗାଇଡ୍‌ଲାଇନରେ ଦର୍ଶାଯାଇଛି। ବିଏମସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ପକ୍ଷରୁ ଚିଠି ନଂ.୨୩୭୩ରେ ଦର୍ଶାଯାଇଛି, ସହରରେ ବିଭିନ୍ନ ଦୋକାନ, ମଲ୍, ସିନେମା ହଲ୍, ସୁଇମିଂ ପୁଲ୍, ମନୋରଞ୍ଜନଭିତ୍ତିକ କମ୍ପ୍ଲେକ୍ସ, ଅଡିଟୋରିୟମ୍‌ଗୁଡ଼ିକ ପ୍ରତ୍ୟହ ରାତ୍ରି ୧୦ଟା ଯାଏ ଖୋଲା ରହିବ। ଏଥିସହ ବିଭିନ୍ନ ଖାଦ୍ୟ ହୋମ୍ ଡେଲିଭର ବ୍ୟବସ୍ଥା ଜାରି ରହିବ। ଏଥିସହ ଆଗାମୀ ସରସ୍ୱତୀ ପୂଜା ଓ ମାଘ ପୂର୍ଣ୍ଣିମାରେ ବିଭିନ୍ନ ମନ୍ଦିର ଓ ଧର୍ମାନୁଷ୍ଠାନଗୁଡ଼ିକରେ ବିନା ଭକ୍ତରେ ପାଳନ କରାଯିବ। ଏଥିସହ ବିଭିନ୍ନ ଶିକ୍ଷାନୁଷ୍ଠାନଗୁଡ଼ିକରେ କମ୍ ସଂଖ୍ୟକ ବିଦ୍ୟାର୍ଥୀଙ୍କୁ ନେଇ ସରସ୍ୱତୀ ପୂଜା ପାଳନ କରାଯିବ। ପୂଜା ସମୟରେ ଜନଗହଳି ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମକୁ ବାରଣ କରାଯାଇଛି। ତତ୍‌ସହିତ ମାଘ ସପ୍ତମୀରେ ବିଭିନ୍ନ ପୋଖରୀ ଓ ମନ୍ଦିର ବାହାରେ ପୂଜାର୍ଚ୍ଚନା ନେଇ ସଂପୂର୍ଣ୍ଣ ବାରଣ କରାଯାଇଛି। ଅନ୍ୟପଟେ ମନ୍ଦିର, ମସ୍‌ଜିଦ ଓ ଅନ୍ୟାନ୍ୟ ଧର୍ମାନୁଷ୍ଠାନଗୁଡିକ କୋଭିଡ୍ ଗାଇଡ୍‌ଲାଇନ୍ ଅନୁକରଣ କରିବା ସହ କମ୍ ସଂଖ୍ୟକ ଭକ୍ତଙ୍କ ମଧ୍ୟରେ ପୂଜାର୍ଚ୍ଚନା କରିବା ପାଇଁ ନିର୍ଦ୍ଦେଶ ରହିଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ କୋଭିଡ୍ ଦ୍ୱିତୀୟ ଡୋଜ ଓ ଆରଟିପିସିଆର ନେଗେଟିଭ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ଏଥିସହ ୫୦ ଜଣରୁ ଅଧିକ ଲୋକଙ୍କୁ ପ୍ରବେଶ ଉପରେ ବାରଣ କରାଯାଇଛି। ଏଥିସହ ବିଏମ୍‌ସି ଅନ୍ତର୍ଗତ ସମସ୍ତ ପାର୍କ ଓ ପାଠାଗାର କୋଭିଡ୍ ଗାଇଡଲାଇନ ମଧ୍ୟରେ ଖୋଲା ରହିବ।

### ରାସ୍ତାକଡ଼ରେ ନବଜାତ ଶିଶୁ ମୃତଦେହ

କୁକୁଡ଼ାଖଣ୍ଡି,୩।୨

ଦିଗପହଣ୍ଡି ମୁଖ୍ୟ ଜାତୀୟ ରାଜପଥ ନିକଟରେ ଗୁରୁବାର ଏକ ନବଜାତ ଶିଶୁର ମୃତଦେହ ପଡିଥିବା ଦେଖିବାକୁ ମିଳିଛି।ମୃତ ଶିଶୁଟିକୁ ଦେଖିବା ପାଇଁ ଆଖପାଖ ଲୋକଙ୍କ ଭିଡ ଜମିଛି। ହେଲେ ଶିଶୁଟି କାହାର ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଚିହ୍ନଟ ହୋଇପାରି ନାହିଁ। ନବଜାତ ଶିଶୁଟିକୁ କେହି ଦୁର୍ବୃତ୍ତ ଜରି ବ୍ୟାଗରେ ଭର୍ତ୍ତି କରି ରାସ୍ତା କଡରେ ଫିଙ୍ଗିଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ଘଟଣାସ୍ଥଳରେ କେହି ପ୍ରଶାସନିକ ଅଧିକାରୀ ପହଞ୍ଚିନାହାନ୍ତି।

### ଷ୍ଟ୍ରଙ୍ଗରୁମ୍ ଦେଖିଲେ ଉପଜିଲାପାଳ

କାଶୀନଗର,୩।୨

ପାରଳାଖେମୁଣ୍ଡି ଉପଜିଲାପାଳ ଦିଲୀପ କୁମାର ମହାରଣା ପଞ୍ଚାୟତ ନିର୍ବାଚନ ଲାଗି କାଶୀନଗରସ୍ଥ ଶ୍ରୀରାମ ଜୁନିୟର କଲେଜରେ ହୋଇଥିବା ଷ୍ଟ୍ରଙ୍ଗରୁମ ପରିଦର୍ଶନ କରିଛନ୍ତି। ଏଥିସହ ନିର୍ବାଚନରେ ବ୍ୟବହୃତ ହେବାକୁ ଥିବା କୋଠାଗୁଡ଼ିକ ଅନୁଧ୍ୟାନ କରିଥିଲେ। ନିର୍ବାଚନର ସମସ୍ତ କାର୍ଯ୍ୟକ୍ରମ ଏହି କଲେଜ ପରିସରରେ କରାଯିବ ।

## ଆଈ-ନାତୁଣୀ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା

**ଗୁରାଣ୍ଡି ପଞ୍ଚାୟତ**

ପାରଳାଖେମୁଣ୍ଡି,୩।୨(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ ଗୁରାଣ୍ଡି ପଞ୍ଚାୟତରେ ସରପଞ୍ଚ ପଦବୀ ପାଇଁ ଆଈ-ନାତୁଣୀଙ୍କ ମଧ୍ୟରେ ଲଢ଼େଇ ହେଉଛି। ଆଈ ମନୋରମା ଜେନା ଓ ନାତୁଣୀ ଶିକ୍ଷା ପାତ୍ର ଉଭୟେ ନିଜ ନିଜ ଢଙ୍ଗରେ ପ୍ରଚାର ଆରମ୍ଭ ଦେଇଛନ୍ତି। ଗୁରାଣ୍ଡି ପଞ୍ଚାୟତରେ ସରପଞ୍ଚ ପଦବୀ ଲାଗି କେବଳ ଏହି ଦୁଇ ଜଣ ପ୍ରାର୍ଥୀ ହୋଇଛନ୍ତି। ଆଈ-ନାତୁଣୀ ଭିନ୍ନ ଭିନ୍ନ ଦଳରୁ ସମର୍ଥନ ପାଇ ନିର୍ବାଚନ ରଣାଙ୍ଗନରେ ବାଜି ମାରିବାକୁ ଚେଷ୍ଟା କରୁଛନ୍ତି। ପଞ୍ଚାୟତ ପାଇଁ ଏହି ପରିବାରର ବହୁତ ଅବଦାନ ରହିଛି। ମୁଖ୍ୟତଃ ଗୁରାଣ୍ଡି ଗ୍ରାମରେ କଲେଜ, ଚିକିତ୍ସାଳୟ ଆଦି ପାଇଁ ନିଜ ଭୂସମ୍ପତ୍ତି ଦାନ କରିଥିବା ନଜିର ରହିଛି। ଗୋଟିଏ ଗାଁ ଗୁରାଣ୍ଡିକୁ ନେଇ ଗଠିତ ଗୁରାଣ୍ଡି ପଞ୍ଚାୟତ। ପଞ୍ଚାୟତରେ ମୋଟ ୪,୨୦୦ ଭୋଟର ଅଛନ୍ତି। ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ଇତିହାସରେ ଗୁରାଣ୍ଡି ପଞ୍ଚାୟତ ସବୁବେଳେ ଚର୍ଚ୍ଚାରେ ରହିଆସିଛି। ଏହି ପଞ୍ଚାୟତରୁ ବିଧାୟକ, ବ୍ଲକ ଅଧ୍ୟକ୍ଷ ପ୍ରାର୍ଥୀ ହୋଇ ଆସିଛନ୍ତି। ତେବେ ସରପଞ୍ଚ ପଦବୀ ଲାଗି ତେବେ ଚଳିତଥର ଦୁଇ ସମ୍ପର୍କୀୟଙ୍କ ମଧ୍ୟରେ ମୁହାଁମୁହିଁ ଲଢ଼େଇ ହେଉଥିବାରୁ ଗୁରାଣ୍ଡି ପଞ୍ଚାୟତ ଉପରେ ସମସ୍ତଙ୍କ ନଜର ରହିଛି।

## ଅଙ୍ଗଦାନ କରିଥିବା ସୁଶୀଲଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୃତକଙ୍କ ପରିବାର ସହ ଆଲୋଚନା କରୁଛନ୍ତି ।

ଜଗନ୍ନାଥପ୍ରସାଦ,୩।୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ବ୍ଲକ ଅଲାଡି ଗ୍ରାମର ରାମ ସାହୁଙ୍କ ପୁଅ ସୁଶୀଲ (୩୦)ଙ୍କ ମୃତ୍ୟୁ ପରେ ଅଙ୍ଗଦାନ କରାଯାଇଥିଲା। ଗୁରୁବାର ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଉକ୍ତ ଶୋକସନ୍ତପ୍ତ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ମୃତକଙ୍କ ସ୍ତ୍ରୀ, ୨ ବର୍ଷର କୁନି ଝିଅର ଭବିଷ୍ୟତ ପାଇଁ ଏକ ସରକାରୀ ଚାକିରି କରାଇଦେବାକୁ ପରିବାର ପକ୍ଷରୁ ମନ୍ତ୍ରୀ ଆରୁଖଙ୍କୁ ଅନୁରୋଧ କରାଯାଇଥିଲା। ମନ୍ତ୍ରୀ ଆରୁଖ କିଛି ଅର୍ଥ ମୃତ ସୁଶୀଲ ପରିବାରଙ୍କୁ ସହଯୋଗ କରିଥିବା ପରିବାର ଲୋକ ସୂଚନା ଦେଇଛନ୍ତି। ଏହିଭଳି ସମୟରେ ମନ୍ତ୍ରୀ ମୃତ ସୁଶୀଲ ପରିବାର ଲୋକଙ୍କୁ ଭେଟି ଆଶ୍ୱାସନା ଦେବା ଘଟଣାକୁ ବୁଦ୍ଧିଜୀବୀ ମହଲରୁ ପ୍ରଶଂସା କରାଯାଇଛି।

# ଧାନକିଣା ଟାର୍ଗେଟ ପୂରଣ ନିର୍ଦ୍ଦେଶ

**ଖିଲାପ କଲେ କଡ଼ା କାର୍ଯ୍ୟାନୁଷ୍ଠାନ**

ଛତ୍ରପୁର,୩।୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ଧାନସଂଗ୍ରହ ପ୍ରକ୍ରିୟା ସମ୍ପର୍କିତ ଆଭାସି ସମୀକ୍ଷା ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ କହିଥିଲେ ଯେ, ତହସିଲଦାରମାନେ କ୍ଷେତ୍ର ପରିଦର୍ଶନ କରନ୍ତୁ। ବ୍ଲକ ଅନୁଯାୟୀ କେତେ ଧାନ କ୍ରୟ ହୋଇଛି ଏବଂ ପ୍ରଦାନ କରାଯାଇଥିବା ଲକ୍ଷ୍ୟଧାର୍ଯ୍ୟ ପୂରଣ ଦିଗରେ ପଦକ୍ଷେପ ନେବାକୁ ହେବ । ଧାନ କ୍ରୟ ପ୍ରକ୍ରିୟା ତୁରନ୍ତ ଶେଷ କରି ଚାଷୀଙ୍କ ଜମା ଖାତାକୁ ଯେଭଳି ଶୀଘ୍ର ଟଙ୍କା ଯିବ ସେ ଦିଗରେ ତତ୍ପରତା ପ୍ରକାଶ କରିବାକୁ କହିଥିଲେ। ଜାନୁୟାରୀ ପ୍ରଥମରୁ ଆରମ୍ଭ ହୋଇଥିବା ଧାନ ସଂଗ୍ରହ କାର୍ଯ୍ୟ ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଜିଲା ଯୋଗାଣ ଅଧିକାରୀ ପୁସା ମୁଣ୍ଡା ଅବଗତ କରାଇଥିଲେ। ଯେଉଁ ସ୍ଥାନରେ ସ୍ଥାନୀୟ ମିଲର ଟ୍ୟାଗ କରାଯାଇଛି ସେମାନେ ଧାନ ସଂଗ୍ରହ କରୁଛନ୍ତି, ଯେଉଁ ସ୍ଥାନରେ ଅନ୍ୟ ବ୍ଲକ ମିଲର ଟ୍ୟାଗ ଅଛନ୍ତି, ସେମାନେ ଧାନ ସଂଗ୍ରହ ପ୍ରକ୍ରିୟାରେ ବିଳମ୍ବ କରୁଛନ୍ତି। ତେଣୁ ଧାନ ସଂଗ୍ରହ ବିଳମ୍ବ ହେଉଛି ଓ ଲକ୍ଷ୍ୟଧାର୍ଯ୍ୟ ପୂରଣ ବିଳମ୍ବ ହେଉଛି। ଯଦି ମିଲରମାନେ ଏହି ଦିଗରେ ବିଳମ୍ବ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମିଲରଙ୍କୁ ଟ୍ରକ ଯୋଗାଡ଼ କରିବାରେ ଅସୁବିଧା ହେଲେ ପ୍ରଶାସନ ଦୃଷ୍ଟିକୁ ଆଣିବାକୁ କୁହାଯାଇଛି। ଏଥିରେ ଆଞ୍ଚଳିକ ପରିବହନ ବିଭାଗ ସହଯୋଗ କରିବ ବୋଲି ଜିଲାପାଳ କହିଛନ୍ତି।

ଜିଲାରେ ମୋଟ ୩୬୬ ମିଲରଙ୍କୁ ପ୍ରଦତ୍ତ ଲକ୍ଷ୍ୟର ୩୨,୯୫,୮୫୨ କୁଇଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଥିବା ବେଳେ ବୁଧବାର ସୁଦ୍ଧା ୫୩,୬୦୦ ଚାଷୀଙ୍କଠାରୁ ୨୩,୬୩,୮୧୯ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ୪୦,୪୨୨ ଜଣ ଚାଷୀଙ୍କ ଜମାଖାତାକୁ ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଆନ୍ଧ୍ରପ୍ରଦେଶରୁ ଧାନ ଗଞ୍ଜାମ ଜିଲ୍ଲାକୁ ଆସୁନଥିବା ପାତ୍ରପୁର ତହସିଲଦାର ଅବଗତ କରାଇଥିଲେ। ସୁବୁବେଳେ ଜିଲ୍ଲାର ସୀମାବର୍ତୀ ଅଞ୍ଚଳରେ ପୋଲିସ ଓ ପ୍ରଶାସନର ନଜର ରଖାଯାଉଥିବା ସେ କହିଛନ୍ତି। ଯେଉଁଠି ଲକ୍ଷ୍ୟ ଧାର୍ଯ୍ୟ ଠାରୁ ଅଧିକା ଧାନ ସଂଗ୍ରହ ହେଉଛି ଉପଯୁକ୍ତ ତଥ୍ୟ ସହିତ ଲିଖିତ ଜଣାଇ ଦିଆଗଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ସକାଶେ ପଦକ୍ଷେପ ଗ୍ରହଣ କରାଯିବ। ଉପଜିଲାପାଳ ପ୍ରତ୍ୟେକ ସନ୍ଧ୍ୟାରେ କିଛି ସମୟ ଧାନ ସଂଗ୍ରହ ପ୍ରକ୍ରିୟା ନେଇ ସମୀକ୍ଷା କଲେ ଯୋଉଁଠି ସମସ୍ୟା ହେଉଛି ତାହାର ସରଳ ସମାଧାନ ହୋଇପାରିବ ଓ ଚାଷୀ ଉପକୃତ ହେବେ ବୋଲି ଜିଲାପାଳ କହିଥିଲେ। ବୈଠକରେ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

